SAMBAD
ସମ୍ବାଦ

03rd Nov, 2019

# ଆଇଆଇଟି ପକ୍ଷରୁ ମିନି ମାରାଥନ

ଜଟଣୀ, ୨/୧୧(ଇମିସ): ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ଶନିବାର ଆଇଆଇଟି କ୍ୟାମ୍ପସ୍ ସମ୍ମୁଖରୁ ଏକ ମିନି ମାରାଥନ୍ ଅନୁଷ୍ଠିତ ହୋଇଯାଇଛି। ଆଇଆଇଟି କ୍ୟାମ୍ପସ ସମ୍ମୁଖରୁ ସ୍ଥାନୀୟ ଡମଣୋଇ ମନ୍ଦିର ପର୍ଯ୍ୟନ୍ତ ୮ କିମି ବ୍ୟାପୀ ଏହି ମିନି ମାରାଥନ୍‌ରେ ୬ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଉଚ୍ଚପଦସ୍ଥ ଅଧିକାରୀ ଯୋଗଦେଇଥିଲେ। ଏହି ଅବସରରେ ପଦ୍ମବିଭୂଷଣ ହରି ପ୍ରସାଦ ଚୌରାଶିୟା, ତବଲା ବାଦକ ଶୁଭଙ୍କର ବାନାର୍ଜୀ ପ୍ରମୁଖଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ନିର୍ଦ୍ଦେଶକ ଆର ଭି ରାଜକୁମାର ପତାକା ଦେଖାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ୍ କରିଥିବା ବେଳେ ରେଜିଷ୍ଟ୍ରାର୍ ଦେବରାଜ ରଥ, ଶଙ୍କର୍ଷଣ ମହାପାତ୍ର, ଶ୍ରୀନିବାସ ଭାସ୍କର ପ୍ରମୁଖ ଉପସ୍ଥିତ ଥିଲେ।

